# NATIONAL NEWS BULLETIN (ODIA)
## 23 December - 2024
## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ଦେଶର ଯୁବବର୍ଗଙ୍କୁ ଅଧିକ ସଶକ୍ତ କରିବା ସହିତ ସେମାନଙ୍କ ପ୍ରତିଭା ଓ ସାମର୍ଥ୍ୟ ବୃଦ୍ଧି କରିବା ଦିଗରେ ରୋଜଗାର ମେଳା ସହାୟକ ହେବ; କହିଲେ ପ୍ରଧାନମନ୍ତ୍ରୀ ।
- ଦେଶରେ ଡାକ୍ତର ଅଭାବ ସ୍ଥିତିକୁ ଦୃଷ୍ଟିରେ ରଖି ଏମ୍.ବି.ବି.ଏସ୍ ପାଠ୍ୟକ୍ରମରେ ଖାଲି ପଡ଼ିଥିବା ସିଟ୍ ପୂରଣ କରିବା ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ପର୍ଯ୍ୟାୟ କାଉନସେଲିଂ କରାଇବାକୁ ମେଡିକାଲ କାଉନସେଲିଂ କମିଟିକୁ ନିର୍ଦ୍ଦେଶ ଦେଲେ ସର୍ବୋଚ୍ଚ ଅଦାଲତ ।
- ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ଫେଲ୍ ହୋଇଥିବା ପିଲାଙ୍କ ଲାଗି ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବା ନୀତିକୁ ଉଚ୍ଛେଦ କଲେ କେନ୍ଦ୍ର ସରକାର ।
- ଯୁକ୍ତରାଷ୍ଟ୍ର ଆମେରିକାକୁ ଆସନ୍ତାକାଲିଠାରୁ ୬ ଦିନିଆ  ଗସ୍ତରେ ଯିବେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।

ଏବଂ

- କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀର ନୂତନ ନିଯୁକ୍ତି ନୀତି ଆଜି ଉନ୍ମୋଚିତ।

# ପିଏମ୍ ରୋଜଗାର ମେଳା

ଦେଶର ଯୁବବର୍ଗଙ୍କର ପ୍ରତିଭା ଓ ସାମର୍ଥ୍ୟର ସମ୍ପୂର୍ଣ୍ଣ ସଦୁପଯୋଗ କରିବା ଉପରେ ସର୍ବୋଚ୍ଚ ପ୍ରାଧାନ୍ୟ ଦେଇ କେନ୍ଦ୍ର ସରକାର କାର୍ଯ୍ୟ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ ରୋଜଗାର ମେଳା ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୭୧ ହଜାରରୁ ଅଧିକ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବା ପରିପ୍ରେକ୍ଷୀରେ  ସେ ଏହା କହିଛନ୍ତି। ଶ୍ରୀ ମୋଦୀ କହିଛନ୍ତି, ରୋଜଗାର ମେଳା  ଦେଶର ଯୁବବର୍ଗଙ୍କୁ ଅଧିକ ସଶକ୍ତ କରିବା ସହିତ ସେମାନଙ୍କର ସାମର୍ଥ୍ୟ ମଧ୍ୟ ବୃଦ୍ଧି କରିବ। ଗତ ଦେଢ଼ ବର୍ଷ ମଧ୍ୟରେ ଦେଶର ଯୁବବର୍ଗଙ୍କୁ ୧୦ ଲକ୍ଷ ସରକାରୀ ଚାକିରି ପ୍ରଦାନ କରାଯାଇଛି। ନିଯୁକ୍ତି ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରାଯାଉଥିବା ବେଳେ ନବନିଯୁକ୍ତମାନେ ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ ମନୋଭାବ ନେଇ ଦେଶସେବା କରିବେ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଶ୍ରୀ ମୋଦୀ ଗତ ୧୦ ବର୍ଷ ଧରି କେନ୍ଦ୍ର ସରକାରଙ୍କ ବିଭିନ୍ନ ନୀତି ଓ ନିଷ୍ପତ୍ତି ମାଧ୍ୟମରେ ଦେଶର ଗ୍ରାମାଞ୍ଚଳରେ ନୂତନ ନିଯୁକ୍ତି ତଥା ଆତ୍ମନିଯୁକ୍ତି ସୃଷ୍ଟି କରାଯାଇପାରିଛି ବୋଲି କହିଛନ୍ତି। ଶିକ୍ଷଣୀୟ ମନୋବୃତ୍ତିକୁ ଅଧିକ ସୁଦୃଢ଼ କରିବା ଦିଗରେ

ସରକାର ଗ୍ରାମାଞ୍ଚଳ ଯୁବବର୍ଗଙ୍କ ଲାଗି ଭାଷା ଭିତ୍ତିକ ସମସ୍ୟାର ସମାଧାନ କରି ନିଜ ମାତୃଭାଷାରେ ଶିକ୍ଷା ଗ୍ରହଣ କରିବା ଲାଗି ବ୍ୟବସ୍ଥା କରିଛନ୍ତି। ଏହାଛଡ଼ା ୧୩ଟି ଭାରତୀୟ ଭାଷାରେ  ନିଯୁକ୍ତି ପରୀକ୍ଷା ଦେଶବ୍ୟାପୀ ଅନୁଷ୍ଠିତ ହେଉଛି ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ପ୍ରତିଭାବାନ୍ ଯୁବବର୍ଗଙ୍କୁ ସଶକ୍ତ କରିବା ଲାଗି ସରକାର ବିଭିନ୍ନ ନୀତି ଓ ନିଷ୍ପତ୍ତି ନେଉଥିବା ଦୃଷ୍ଟିରୁ ୨୦୪୭ ମସିହା ସୁଦ୍ଧା ଏକ ବିକଶିତ ଦେଶଭାବେ ନିଜକୁ ପ୍ରତିଷ୍ଠା କରିବା ଲାଗି ଭାରତ ପ୍ରତିଶ୍ରୁତିବଦ୍ଧ।

ପ୍ରଧାନମନ୍ତ୍ରୀ କହିଛନ୍ତି ମହାକାଶ କ୍ଷେତ୍ରରେ ଭାରତ ତାର ନୀତିକୁ ପରିବର୍ତ୍ତନ କରି ପ୍ରତିରକ୍ଷା କ୍ଷେତ୍ରରେ ଉତ୍ପାଦନକୁ ପ୍ରୋତ୍ସାହିତ କରୁଛି ଏବଂ ଏଥିରୁ ଦେଶର ଯୁବବର୍ଗ ସର୍ବାଧିକ ଉପକୃତ ହୋଇଛନ୍ତି । ସେ କହିଛନ୍ତି ଭାରତ ମୋବାଇଲ ଉତ୍ପାଦନ କ୍ଷେତ୍ରରେ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଏବଂ ବିଶ୍ୱର ତୃତୀୟ ବୃହତ୍ତମ ଷ୍ଟାର୍ଟଅପ୍ ଇକୋ ସିଷ୍ଟମରେ ପରିଣତ ହୋଇଛି ।

ଚୌଧୁରୀ ଚରଣ ସିଂଙ୍କ ଜନ୍ମ ବାର୍ଷିକୀ ଉପରେ ନିଜ ପ୍ରତିକ୍ରିୟା ରଖି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ମହାପୁରୁଷଙ୍କୁ ଭାରତ ରତ୍ନରେ ସମ୍ମାନିତ କରି ତାଙ୍କ ସରକାର ଗୌରବାନ୍ୱିତ ମନେ କରୁଛି। ଭାରତର ବିକାଶ ଦେଶର ଗ୍ରାମାଞ୍ଚଳର ପ୍ରଗତି ଉପରେ ନିର୍ଭର କରେ ବୋଲି ଚୌଧୁରୀ ଚରଣ ସିଂ ବିଶ୍ୱାସ କରନ୍ତି। ତାଙ୍କର ଜୀବନାଦର୍ଶରେ ଅନୁପ୍ରାଣିତ ହୋଇ ସରକାର ଗ୍ରାମାଞ୍ଚଳ ଯୁବବର୍ଗଙ୍କ ଲାଗି କୃଷିକ୍ଷେତ୍ର ସମେତ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ ଦେଶର ୪୫ଟି ସ୍ଥାନରେ ରୋଜଗାର ମେଳା ଆୟୋଜନ କରାଯାଇଥିବାବେଳେ ସ୍ୱରାଷ୍ଟ୍ର ବ୍ୟାପାର, ଡାକ, ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ଆର୍ଥିକ ସେବା ମନ୍ତ୍ରଣାଳୟରେ ନିଯୁକ୍ତି ଦିଆଯାଇଛି । ୨୦୨୨ ଅକ୍ଟୋବର ମାସରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଯୁକ୍ତିମେଳା ଆରମ୍ଭ କରାଯାଇଥିଲା ଏବଂ ବର୍ତ୍ତମାନ ସୁଦ୍ଧା ୫୦ଟି ସହରରେ ୧୩ଟି ମେଳା ଆୟୋଜିତ ହୋଇସାରିଛି ।

## ଏସ୍‌ସି-ନିଟ୍

ଦେଶରେ ଡାକ୍ତର ଅଭାବ ସ୍ଥିତିକୁ ଦୃଷ୍ଟିରେ ରଖି ସର୍ବୋଚ୍ଚ ନ୍ୟାୟାଳୟ' ଏମ୍.ବି.ବି.ଏସ୍ ପାଠ୍ୟକ୍ରମରେ ଖାଲି ପଡ଼ିଥିବା ସିଟ୍ ପୂରଣ କରିବା ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ପର୍ଯ୍ୟାୟ କାଉନସେଲିଂ କରାଇବାକୁ ମେଡିକାଲ କାଉନସେଲିଂ କମିଟି ନିର୍ଦ୍ଦେଶ ଦେଇଛନ୍ତି । ବିଚାରପତି ବି.ଆର୍.ଗାଭାଇ ଓ ବିଚାରପତି କେ.ଭି.ବିଶ୍ୱନାଥନ୍‌ଙ୍କୁ ନେଇ ଗଠିତ ବେଞ୍ଚ୍ ଆସନ୍ତା ୩୦ ତାରିଖ ସୁଦ୍ଧା ଏହି ସ୍ୱତନ୍ତ୍ର କାଉନସେଲିଂ ମାଧ୍ୟମରେ ନାମଲେଖା ପ୍ରକ୍ରିୟା ଶେଷ କରିବାକୁ  ନିର୍ଦ୍ଦେଶ ଦେଇଛନ୍ତି । ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା-ନିଟ୍ ମାଧ୍ୟମରେ ଏହି ପାଠ୍ୟକ୍ରମ ଲାଗି ପାଞ୍ଚ ରାଉଣ୍ଡ କାଉନସେଲିଂ ପରେ ମଧ୍ୟ ସିଟ୍ ଖାଲି ପଡ଼ିଥିବାରୁ ଅଦାଲତ ଏଭଳି ନିଷ୍ପତ୍ତି ନେଇ କହିଛନ୍ତି, ଦେଶରେ ଯେତେବେଳେ ଡାକ୍ତରମାନଙ୍କର ଘୋର୍ ସମସ୍ୟା ଦେଖାଦେଉଛି ସେ ସମୟରେ ଏହି ଗୁରୁତ୍ୱପୂର୍ଣ୍ଣ ମେଡିକାଲ ସିଟ୍‌ଗୁଡ଼ିକ ନଷ୍ଟ ହେବା ଉଚିତ ନୁହେଁ । ପ୍ରବାସୀ ଭାରତୀୟ ସିଟ୍‌ଗୁଡ଼ିକୁ

ସାଧାରଣ ବର୍ଗକୁ ପରିବର୍ତ୍ତନ କରାଯାଇ ରାଜ୍ୟ ନାମଲେଖା କର୍ତ୍ତୃପକ୍ଷଙ୍କ ମାଧ୍ୟମରେ ପୂରଣ କରିବାକୁ ଅଦାଲତ କହିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ସେହିଭଳି ସମ୍ପୃକ୍ତ ଖାଲିଥିବା ସିଟ୍‌ଗୁଡ଼ିକରେ କୌଣସି ମେଡିକାଲ କଲେଜ୍ ସିଧାସଳଖ ଛାତ୍ରଙ୍କୁ ଦାଖଲ କରିପାରିବେ ନାହିଁ। ଏହି ପ୍ରକ୍ରିୟା କେବଳ ରାଜ୍ୟ ନାମଲେଖା କର୍ତ୍ତୃପକ୍ଷଙ୍କ ମାଧ୍ୟମରେ ସମ୍ପନ୍ନ କରାଯିବ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି।

## ଡିଟେନସନ୍ ପଲିସି ସ୍କ୍ରାପଡ୍

କେନ୍ଦ୍ର ସରକାର ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ଫେଲ୍ ହୋଇଥିବା ପିଲାଙ୍କ ଲାଗି ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବା ନୀତିକୁ ଉଚ୍ଛେଦ କରିଛନ୍ତି। ଆଜି ନୂଆଦିଲ୍ଲୀଠାରେ କେନ୍ଦ୍ର ଶିକ୍ଷା ସଚିବ ସଞ୍ଜୟ କୁମାର ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଏଣିକି ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ଫେଲ୍ ହୋଇଥିବା ଶିକ୍ଷାର୍ଥୀଙ୍କୁ ଦୁଇମାସ ପରେ ପୁଣିଥରେ ପରୀକ୍ଷା ଦେବାର ସୁଯୋଗ ମିଳିବ। ସମ୍ପୃକ୍ତ ପରୀକ୍ଷାରେ ଯଦି ଏହି ଛାତ୍ରଛାତ୍ରୀମାନେ କୃତକାର୍ଯ୍ୟ ନ ହୁଅନ୍ତି ତେବେ ସେମାନଙ୍କୁ ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବା ଲାଗି ଅନୁମତି ଦିଆଯିବ ନାହିଁ। ଶ୍ରୀ କୁମାର କହିଛନ୍ତି, ଏହି ଛାତ୍ରଛାତ୍ରୀମାନେ ପାରମ୍ପରିକ ଶିକ୍ଷା ସମ୍ପୂର୍ଣ୍ଣ ନ କରିବା ପର୍ଯ୍ୟନ୍ତ କୌଣସି ବିଦ୍ୟାଳୟରୁ ସେମାନଙ୍କୁ ବାହାର କରାଯିବ ନାହିଁ। ଶିକ୍ଷାର୍ଥୀଙ୍କ ମଧ୍ୟରେ ପାଠପଢ଼ାରୁ ଶିକ୍ଷଣୀୟ ମନୋବୃତ୍ତିକୁ ସଶକ୍ତ

କରିବା ଲାଗି ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି ବୋଲି ଶିକ୍ଷା ସଚିବ ଶ୍ରୀ କୁମାର କହିଛନ୍ତି ।

## ଜୟଶଙ୍କର-ଭିଜିଟ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଆସନ୍ତାକାଲିଠାରୁ ୬ ଦିନିଆ ଯୁକ୍ତରାଷ୍ଟ୍ର ଆମେରିକାରେ ଯିବେ । ଏହି ଗସ୍ତ ଅବସରରେ ଡକ୍ଟର ଜୟଶଙ୍କର ତାଙ୍କ ଆମେରିକୀୟ ପ୍ରତିପକ୍ଷଙ୍କ ସହ ବିଭିନ୍ନ ଦ୍ୱିପକ୍ଷୀୟ, ଆନ୍ତର୍ଜାତିକ ଏବଂ ବୈଶ୍ୱିକ ସମସ୍ୟା ଉପରେ ଆଲୋଚନା କରିବେ । ଏହାଛଡ଼ା ଡକ୍ଟର ଜୟଶଙ୍କର ଆମେରିକାଠାରେ ଥିବା ଭାରତର କନସଲ୍ ଜେନେରାଲ୍ସ ସମ୍ମିଳନୀରେ ଅଧ୍ୟକ୍ଷତା କରିବାର କାର୍ଯ୍ୟସୂଚୀ ରହିଛି ।

## ଜିତେନ୍ଦ୍ର ସିଂ-ବର୍ଜ୍ୟବସ୍ତୁ

କେନ୍ଦ୍ର ସରକାର ଗତ ୧୦ ବର୍ଷ ମଧ୍ୟରେ ବର୍ଜ୍ୟବସ୍ତୁରୁ ସମ୍ପଳ ଉତ୍ପାଦନ କରିବାର ନୂତନ ସ୍ରୋତ ସୃଷ୍ଟି କରିପାରିଛନ୍ତି ବୋଲି କେନ୍ଦ୍ର ପେନସନ୍ ସାଧାରଣ ଅଭିଯୋଗ ଓ କାର୍ମିକ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ କହିଛନ୍ତି । ଆଜି ନୂଆଦିଲ୍ଲୀଠାରେ ସୁଶାସନ ସମ୍ପର୍କିତ ଏକ ଜାତୀୟସ୍ତରୀୟ କର୍ମଶାଳାକୁ ଉଦ୍‌ଘାଟନ କରିବା ଅବସରରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଡକ୍ଟର ସିଂ କହିଛନ୍ତି, ସରକାର ବିଶେଷକରି ଗୋବର ଓ ଅଣଉପଯୋଗୀ ପ୍ଲାଷ୍ଟିକ ଭଳି ବିଭିନ୍ନ ବର୍ଜ୍ୟବସ୍ତୁକୁ ସଠିକ୍ ଉପଯୋଗ କରି ସେଥିରୁ ବିଭିନ୍ନ ବ୍ୟବହାରଯୋଗ୍ୟ ପଦାର୍ଥ ଉତ୍ପନ୍ନ ହୋଇପାରିବ ତାହା

ଉପରେ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରୁଛନ୍ତି। ଗତ ଦଶନ୍ଧି ଧରି ସରକାର ପରିବେଶ ଅନୁକୂଳ ହେଲା ଭଳି ଅନେକ ପଦକ୍ଷେପ ନେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସ୍ୱଚ୍ଛତା ଅଭିଯାନ ଅଧୀନରେ ବିଭିନ୍ନ ବିଦ୍ୟାଳୟ ତଥା ଗ୍ରାମାଞ୍ଚଳରେ ସ୍ୱଚ୍ଛ ପରିମଳ ବ୍ୟବସ୍ଥା ସୁନିଶ୍ଚିତ କରାଯାଇଛି। ଏତଦ୍‌ବ୍ୟତୀତ ନଥିପତ୍ରରେ କରାଯାଉଥିବା ସରକାରୀ କାର୍ଯ୍ୟରେ ସଂସ୍କାର ଅଣାଯାଇ ଅନଲାଇନ୍ ମାଧ୍ୟମରେ କ୍ରମଶଃ ଏହା ସମ୍ପନ୍ନ କରାଯାଉଛି। ଏ ଦିଗରେ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ବିଭିନ୍ନ ପଦକ୍ଷେପ ନିଆଯାଉଛି ବୋଲି ଡକ୍ଟର ସିଂ କହିଛନ୍ତି।

# ସିଆଇଏସ୍‌ଏଫ୍- ପୋଷ୍ଟିଂ ପଲିସି

କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀ– **CISF** ପକ୍ଷରୁ ଆଜି ଏକ ନୂତନ ନିଯୁକ୍ତି ନୀତି ଉନ୍ମୋଚିତ ହୋଇଛି। **CISF** ଆଇ.ଜି ଡକ୍ଟର କେ.ସି ସାମନ୍ତରାୟ ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ପ୍ରଥମଥର ପାଇଁ ପସନ୍ଦ ଭିତ୍ତିକ ନିଯୁକ୍ତି ଆରମ୍ଭ କରାଯାଇଛି। ଏଣିକି ପ୍ରତ୍ୟେକ କର୍ମଚାରୀ ୧୦ଟି ନିଜ ପସନ୍ଦଯୋଗ୍ୟ ନିଯୁକ୍ତି ସ୍ଥାନ ତାଲିକାଭୁକ୍ତ କରିବାର ସୁଯୋଗ ପାଇବେ। ଦୁଇ ବର୍ଷ ମଧ୍ୟରେ ଅବସର ନେଇଥିବା **CISF** ଯବାନମାନଙ୍କ ପସନ୍ଦଯୋଗ୍ୟ ୩ଟି ସ୍ଥାନ ମଧ୍ୟରୁ ପୋଷ୍ଟିଂ ଦିଆଯିବ ଏବଂ ସେମାନଙ୍କୁ ଏ କ୍ଷେତ୍ରରେ ପ୍ରାଥମିକତା ଦିଆଯିବ ବୋଲି ଡକ୍ଟର ସାମନ୍ତରାୟ କହିଛନ୍ତି। ସେ କହିଛନ୍ତି, ମହିଳା ଏବଂ ଦମ୍ପତିଙ୍କ କ୍ଷେତ୍ରରେ ୬ ବର୍ଷ ପରେ ସେମାନଙ୍କୁ ଏହି ସୁବିଧା ଉପଲବ୍ଧ

ହେବ।  ଏହି ନୀତିର ଉଦ୍ଦେଶ୍ୟ ହେଉଛି **CISF** କୁ ଅଧିକ ସ୍ଥାୟୀ ତଥା ସଶକ୍ତ ବାହିନୀ ଭାବେ ଗଢ଼ିତୋଳିବା। ଏହି ନୂତନ ନିଯୁକ୍ତି ନୀତି **CISF** ର ୯୮ ପ୍ରତିଶତରୁ ଅଧିକ କର୍ମଚାରୀ ଉପକୃତ ହେବେ ବୋଲି ସେ ଡକ୍ଟର ସାମନ୍ତରାୟ କହିଛନ୍ତି।

## ଫାର୍ମର୍ସ ଡେ

ଦେଶବ୍ୟାପୀ ଆଜି ଜାତୀୟ କୃଷକ ଦିବସ ପାଳନ କରାଯାଉଛି । ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିବା, ଗ୍ରାମୀଣ ଅର୍ଥନୀତିକୁ ତ୍ୱରାନ୍ୱିତ ତଥା କୃଷି ଐତିହ୍ୟକୁ ସଂରକ୍ଷିତ ରଖିବା ସହ ବିକାଶ ପଥରେ କୃଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ମରଣ କରିବା ହେଉଛି ଆଜିର ଦିବସର ମୁଖ୍ୟ ଉଦ୍ଦେଶ୍ୟ। ଦେଶରେ କୃଷକଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ସ୍ୱରୂପ ସରକାର ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ଉନ୍ନତି ତଥା ସ୍ଥାୟୀ କୃଷି ଅଭିବୃଦ୍ଧିକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଅନେକ କଲ୍ୟାଣକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ପଦକ୍ଷେପ ଗୁଡ଼ିକ ମଧ୍ୟରେ ପ୍ରଧାନମନ୍ତ୍ରୀ କିଶାନ ସମ୍ମାନନିଧି, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଏବଂ ପ୍ରଧାନମନ୍ତ୍ରୀ କିଶାନ ମାନ-ଧନ ଯୋଜନା ଆଦି ଅନ୍ତର୍ଭୁକ୍ତ । ଏଥିରେ କୃଷକଙ୍କର ଆର୍ଥିକ ସୁରକ୍ଷା, କୃଷି କ୍ଷେତ୍ରରେ ଥିବା ଆହ୍ୱାନ ଗୁଡ଼ିକର ମୁକାବିଲା ଏବଂ ଦୀର୍ଘମିଆଦି ସାମାଜିକ ସୁରକ୍ଷା ପ୍ରଦାନର ବ୍ୟବସ୍ଥା ରହିଛି । ଚଳିତବର୍ଷ ଦେଶରେ ରେକର୍ଡ ପରିମାଣ ୩୩୨ ଦଶମିକ ୨ ନିୟୁତ ଟନ୍ ଖାଦ୍ୟଶସ୍ୟ

ଉତ୍ପାଦିତ ହୋଇଛି । ଏହା ପୂର୍ବବର୍ଷ ତୁଳନାରେ ଅଧିକ ବୋଲି ଜଣାପଡିଛି ।

## ୱିମେନ୍ କ୍ରିକେଟ୍

ଭାରତ-ୱେଷ୍ଟଇଣ୍ଡିଜ୍ ମହିଳା ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତାକାଲି ବଦୋଦରାରେ ଖେଳାଯିବ। ଗତକାଲି ବଦୋଦରାରେ ଅନୁଷ୍ଠିତ ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ୨୧୧ ରନ୍‌ରେ ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ୍ ବିନିମୟରେ ୩୧୪ ରନ୍ ସଂଗ୍ରହ କରିଥିଲା । ଦଳପକ୍ଷରୁ ସ୍ମୃତି ମାନ୍ଧାନା ସର୍ବାଧିକ ୯୧ ରନ୍ ଓ ହରଲିନ୍ ଦେଓ୍ୱଲ୍ ୪୪ ରନ୍ ସଂଗ୍ରହ କରିଥିଲେ । ୩୧୫ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ୱେଷ୍ଟଇଣ୍ଡିଜ ୨୬ ଓଭର ୨ଟି ବଲ୍ ଖେଳି ସମସ୍ତ ୱିକେଟ୍ ହରାଇ ୧୦୩ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ଭାରତ ପକ୍ଷରୁ ରେଣୁକା ଠାକୁର ସିଂହ ୫ଟି ୱିକେଟ୍ ଅକ୍ତିଆର କରିଥିଲେ। ରେଣୁକା ଠାକୁର ସିଂହଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି । ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଆସନ୍ତା ୨୭ ତାରିଖ ଦିନ ବଦୋଦରାରେ ଖେଳାଯିବ ।

*********************************